# ଆକାଶେ ଉଡେ ଗୁଡି



ନଟେଇ ଭିଡି,
ଆକାଶରେ ଦେ' ସୂତାକୁ ଛାଡି
ଯିବରେ ଉଡି
ଦୋହଲି ଦୋହଲି
ଆକାଶେ ଗୁଡି ।

ପବନ ବହୁଛି ସାଇଁକି ସାଇଁ,
ଚାହିଁକି ଚାହିଁ,
ମନହାଇଁ ପାଇଁ -
ହେଉଛି କାହିଁ ?

ମେଘକୁ ଛୁଇଁ,
ଆଣିବ ବାରତା
ତୋ'ରି ପାଇଁ ।

'କି ବାରତା ଅଛି କହ' -
ପଚାରି ଦେଲେ ସେ,
ଖୋଲିଦେବ ଯାହା
ଖୁସିରେ କମ୍ପିବ ଦେହ ।